ସତୀଶ ରାଓ୍ବତ

ବନାମ

ଭାରତ ସଂଘ ସରକାର

ଅଗଷ୍ଟ 26, 2002

[ଏସ୍. ରାଜେନ୍ଦ୍ର ବାବୁ ଏବଂ ପି. ଭେଙ୍କଟରାମା ରେଡ୍ଡୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*କ୍ରୀଡ଼ା କୋଟା ଅଧୀନରେ ନିଯୁକ୍ତି -ଆପତ୍ତି -ନିଯୁକ୍ତି ରଦ୍ଦ କରି ନ୍ୟାୟାଧିକରଣ, ଯୋଗ୍ୟତା ଆଧାରରେ ପ୍ରାର୍ଥୀ ଚୟନ କରିବା ପାଇଁ ବିଭାଗକୁ ଏକ ନିର୍ଦ୍ଦେଶ ଜାରି କରିଥିଲେ -ତଦନୁସାରେ, ଅନ୍ୟ ଜଣେ ପ୍ରାର୍ଥୀ ନିଯୁକ୍ତ ହୋଇଥିଲେ -ପ୍ରଭାବିତ ପ୍ରାର୍ଥୀଙ୍କ ଦ୍ୱାରା ଦାୟର ସମୀକ୍ଷା ଆବେଦନ ଏବଂ ନୂତନ ଆବେଦନ ଖାରଜ ହେଲା -ଆଜ୍ଞାଦେଶ ଆବେଦନ ମଧ୍ୟ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ ହେଲା -ଅପିଲ ଉପରେ, ନିର୍ଣ୍ଣୟ ହେଲା, ଯେହେତୁ ନ୍ୟାୟାଧିକରଣଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଦସ୍ତାବିଜ ରଖାଯାଇ ନ ଥିଲା, ଏହା ଉପଯୁକ୍ତ ନିଷ୍କର୍ଷ ନେଇପାରି ନ ଥିଲେ -ଏହି ପରିସ୍ଥିତିରେ, ପୂର୍ବରୁ ନିଯୁକ୍ତ ହୋଇଥିବା ବ୍ୟକ୍ତି, ଯାହାଙ୍କ ସେବା ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶକୁ ପାଳନ କରି ସମାପ୍ତ କରାଯାଇଥିଲା, ଆବଶ୍ୟକ ହେଲେ ଏକ ଅତିରିକ୍ତ ପଦବୀ ସୃଷ୍ଟି କରି ବେତନର ଉପଯୁକ୍ତ ସୁରକ୍ଷା ସହିତ ପୁନଃସ୍ଥାପିତ ହେବେ -ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଥିବା ଅନ୍ୟ ପ୍ରାର୍ଥୀଙ୍କ ନିଯୁକ୍ତିକୁ ମଧ୍ୟ ବାଧା ଦେବା ଉଚିତ୍ ନୁହେଁ ।*

**ସୀମା ଶୁଳ୍କ ବିଭାଗ ଲିଖିତ ପରୀକ୍ଷା, ସାକ୍ଷାତକାର ଏବଂ କ୍ଷେତ୍ର ପରୀକ୍ଷଣ ପରେ କ୍ରୀଡ଼ା କୋଟା ଅଧୀନରେ ନିରୀକ୍ଷକମାନଙ୍କୁ ନିଯୁକ୍ତି ଦେଇଥିଲା । ଜଣେ ପ୍ରାର୍ଥୀଙ୍କୁ "ଫୁଟବଲ" ବର୍ଗରେ ନିଯୁକ୍ତ କରାଯାଇଥିଲା । ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉତ୍ତରଦାତା ଅଭିଯୋଗ କରିଥିଲେ ଯେ ଅପିଲକାରୀ କ୍ଷେତ୍ର ପରୀକ୍ଷାରେ ବିଫଳ ହୋଇଥିଲେ, ଏବଂ ତଥାପି ତାଙ୍କୁ ନିଯୁକ୍ତ କରାଯାଇଥିଲା; ଏବଂ କ୍ଷେତ୍ର ପରୀକ୍ଷାରେ ଯୋଗ୍ୟ ହୋଇଥିଲେ ମଧ୍ୟ ଉତ୍ତରଦାତାଙ୍କୁ ଚୟନ କରାଯାଇ ନଥିଲା । ନ୍ୟାୟାଧିକରଣ ଅପିଲକାରୀଙ୍କ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ ଏବଂ ବିଭାଗକୁ ଯୋଗ୍ୟତା ଆଧାରରେ ଚୟନ କରିବାକୁ ଏବଂ ଅପିଲକାରୀ କ୍ଷେତ୍ର ପରୀକ୍ଷାରେ ବିଫଳ ହୋଇଥିବାରୁ ତାଙ୍କୁ ବିଚାର କରିବାର ଆବଶ୍ୟକତା ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଥିଲେ । ତଦନୁସାରେ, ବିଭାଗ ଅନ୍ୟ ଜଣେ ପ୍ରାର୍ଥୀ ଉତ୍ତରଦାତା ସଂଖ୍ୟା 3ଙ୍କୁ ଚୟନ କରିଥିଲା । ବ୍ୟଥିତ ହୋଇ, ଅପିଲକାରୀ ଏକ ସମୀକ୍ଷା ଆବେଦନ ଦାଖଲ କରିଥିଲେ ଏହି ଆଧାରରେ ଯେ ବିଭାଗ ନ୍ୟାୟାଧିକରଣଙ୍କ ସମ୍ମୁଖରେ ପ୍ରାସଙ୍ଗିକ ଦସ୍ତାବିଜ ଦାଖଲ କରି ନଥିବାରୁ ତାଙ୍କ ବିରୁଦ୍ଧରେ ଏକ ପ୍ରତିକୂଳ ଧାରଣା ନିଆଯାଇଥିଲା । ନ୍ୟାୟାଧିକରଣ ଅପିଲକାରୀଙ୍କ ଦ୍ୱାରା ଦାୟର ହୋଇଥିବା ସମୀକ୍ଷା ଆବେଦନ ତଥା ଏକ ନୂତନ ଆବେଦନକୁ**

ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଆଜ୍ଞାଦେଶ ଆବେଦନ ମଧ୍ୟ ଖାରଜ ହୋଇଥିଲା । ସେଥିପାଇଁ ଏହି ଅପିଲ ।

ଅପିଲକୁ ଅନୁମତି ଦେଇ ନ୍ୟାୟାଳୟ

ନିର୍ଣ୍ଣୟ କଲେ: **1.1.** ନ୍ୟାୟାଧିକରଣଙ୍କ ସମ୍ମୁଖରେ ରାଜ୍ୟ ଦ୍ୱାରା ଉପସ୍ଥାପିତ ଦସ୍ତାବିଜରେ କ୍ଷେତ୍ର ପରୀକ୍ଷା ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ଯୋଗ୍ୟତା ତାଲିକା ଉଲ୍ଲେଖ କରାଯାଇଥିଲା । ପରେ, ପ୍ରଶିକ୍ଷକଙ୍କ ସହଯୋଗରେ ପଦାଧିକାରୀଙ୍କ ଦଳ ଦ୍ୱାରା କ୍ଷେତ୍ର ପରୀକ୍ଷଣରେ ପ୍ରଦର୍ଶନ ଉପରେ ଏକ ବିବରଣୀ ଦାଖଲ କରାଯାଇଥିଲା । ନିଯୁକ୍ତି କର୍ତ୍ତୃପକ୍ଷ ଅପିଲକାରୀ ଏବଂ ଉତ୍ତରଦାତା ସଂଖ୍ୟା **3** ଙ୍କୁ ଚୟନ କରିଥିଲେ । ଇତି ମଧ୍ୟରେ ନ୍ୟାୟାଧିକରଣ ଆଦେଶ ପାରିତ କରିଥିଲେ ଏବଂ ଉତ୍ତରଦାତା ସଂଖ୍ୟା **3** ଅପିଲକାରୀଙ୍କୁ ପଦଚ୍ୟୁତ କରିଥିଲେ । ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ଏହାଙ୍କ ସମ୍ମୁଖରେ ଥିବା ନଥି ଆଧାରରେ, ଅପିଲକାରୀଙ୍କୁ ବାଦ ଦେବା ପାଇଁ ଉତ୍ତରଦାତା ସଂଖ୍ୟା **3** ବିଚାର କରିବାକୁ ହକଦାର ଥିଲେ । ଯଦି ନ୍ୟାୟାଧିକରଣଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଦସ୍ତାବିଜ ରଖାଯାଇଥାନ୍ତା, ତେବେ ଏହା ଉପଯୁକ୍ତ ନିଷ୍କର୍ଷ ବାହାର କରିପାରିଥାନ୍ତେ । ଏହି ପ୍ରସଙ୍ଗରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପାଇଁ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ ।

**1.2.** ବିଭାଗ ଦ୍ୱାରା ପୂର୍ବରୁ କରାଯାଇଥିବା ଚୟନ ଅନୁଯାୟୀ, ଅପିଲକାରୀ କିଛି ଅବଧି ପାଇଁ ବିରତି ବ୍ୟତୀତ ପ୍ରାୟ **8** ବର୍ଷ ଏବଂ **7-1/2** ମାସ କାର୍ଯ୍ୟ କରିଥିଲେ । କ୍ରୀଡ଼ା କୋଟା ଅଧୀନରେ ଯେକୌଣସି ପଦବୀରେ ଚୟନ ପାଇଁ ଅପିଲକାରୀ ବର୍ତ୍ତମାନ ଅଧିକ ବୟସ୍କ ଅଟନ୍ତି । ନ୍ୟାୟାଧିକରଣ ଆଦେଶ ପାରିତ କରିବା ସମୟରେ ଉପଲବ୍ଧ ଦସ୍ତାବିଜ ଆଧାରରେ, ବିଭାଗ ଦ୍ୱାରା ଅପିଲକାରୀଙ୍କୁ ବିଚାରରୁ ବାଦ ଦିଆଯାଇଥିଲା ଏବଂ ସେମାନେ ନିଜେ ଅପିଲକାରୀ ଏବଂ ଉତ୍ତରଦାତା ସଂଖ୍ୟା **3** ମଧ୍ୟରେ ଅଙ୍କ ହାସଲ କରିବାରେ ପାର୍ଥକ୍ୟ ଦେଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ ନୁହେଁ କାରଣ ଉଭୟ ଲିଖିତ ପରୀକ୍ଷାରେ ପ୍ରାୟ ସମାନ ଅଙ୍କ ପାଇଥିଲେ ଏବଂ ସାକ୍ଷାତକାରରେ ଏକ ବଡ଼ ବ୍ୟବଧାନ ଥିଲା । କ୍ଷେତ୍ର ପରୀକ୍ଷା ସମ୍ବନ୍ଧରେ, ଏହାର ଫଳାଫଳ ପ୍ରାର୍ଥୀଙ୍କ ଦକ୍ଷତା ବିଷୟରେ ଅଧିକ ସ୍ପଷ୍ଟ ନଥିଲା କାରଣ ଅପିଲକାରୀ ଏବଂ ଉତ୍ତରଦାତା ସଂଖ୍ୟା **3** ଫୁଟବଲ ଖେଳରେ ଦୁଇଟି ଭିନ୍ନ ବର୍ଗରେ ପଡ଼ିଥିଲେ, ଯେଉଁଥିପାଇଁ ବିଭାଗ ଖେଳାଳିଙ୍କୁ ନିଯୁକ୍ତି ଦେବାକୁ ଚାହୁଁଥିଲା । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ନିଯୁକ୍ତି ଯଥାର୍ଥ ଅଟେ ।

ମାମଲାର ପରିସ୍ଥିତିରେ, ନ୍ୟାୟାଧିକରଣ ଦ୍ୱାରା ନିର୍ଦ୍ଦେଶିତ ଉତ୍ତରଦାତା ସଂଖ୍ୟା **3**ଙ୍କ ନିଯୁକ୍ତିକୁ ବାଧା ଦିଆଯିବା ଉଚିତ୍ ନୁହେଁ, ଏବଂ ବିଭାଗ ପକ୍ଷରୁ ଅପିଲକାରୀଙ୍କୁ ଏକ ପଦବୀ ଯୋଗାଇଦେବା ଯଥାର୍ଥ ହେବ ଏବଂ ଯଦି ଏପରି ପଦବୀ ଉପଲବ୍ଧ ନଥାଏ, ତେବେ ପ୍ରୟୋଜନାତିରିକ୍ତ ଆଧାରରେ ସୃଷ୍ଟି କରାଯାଇ ଯେତେବେଳେ ନିୟମିତ ଖାଲି ପଦବୀ ସୃଷ୍ଟି ହେବ ଏହାକୁ ଅନ୍ତର୍ଭୁକ୍ତ କରାଯିବ । ତେବେ, ଅପିଲକାରୀ କାର୍ଯ୍ୟ କରିନଥିବା ଅବଧି ପାଇଁ କୌଣସି ଆର୍ଥିକ ଲାଭ ପାଇବାକୁ ହକଦାର ହେବେ ନାହିଁ । ତାଙ୍କୁ ମୂଳ ନିଯୁକ୍ତି ଆଧାରରେ ନିଯୁକ୍ତି

**ଦିଆଯିବା ଉଚିତ ଏବଂ ତାଙ୍କୁ ଦରମା ବୃଦ୍ଧିର ଉପଯୁକ୍ତ ସୁବିଧା ପ୍ରଦାନ କରାଯିବା ଉଚିତ ଏବଂ ତାଙ୍କର ଚାକିରିରୁ ଅପସାରଣ ହେବା ସମୟରେ ଶେଷ ଦରମା ଆଧାରରେ ତାଙ୍କର ଦରମା ସ୍ଥିର କରାଯିବା ଉଚିତ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 133/2001 ।

C.W.P. ସଂଖ୍ୟା 15858/2000ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 21.11.2000 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ କେ.ଭି. ବିଶ୍ୱନାଥନ, ଆର.କେ. ମାହେଶ୍ୱରୀ, ସୁଶ୍ରୀ ରିତୁ ରସ୍ତୋଗି ଏବଂ ଋଷି ମାହେଶ୍ୱରୀ ।

ଉତ୍ତରଦାତାଙ୍କ ପାଇଁ ରାଜୁ ରାମଚନ୍ଦ୍ରନ ଏବଂ ପି.ପି. ମାଲହୋତ୍ରା, ବ୍ରଜ କିଶୋର ମିଶ୍ର, ସୁଶ୍ରୀ ଅପର୍ଣ୍ଣା ଝା, କେ.ଏନ୍. ନାଗପାଳ, ରାଜୀବ ନନ୍ଦା ଏବଂ ବି.କେ. ପ୍ରସାଦ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ ।** କ୍ରୀଡ଼ା କୋଟା ଅଧୀନରେ ନିରୀକ୍ଷକ ନିଯୁକ୍ତି ପାଇଁ ଚଣ୍ଡିଗଡ଼ ସୀମା ଶୁଳ୍କ କାର୍ଯ୍ୟାଳୟ ଦ୍ୱାରା ଏକ ବିଜ୍ଞାପନ ଜାରି କରାଯାଇଥିଲା । ଫୁଟବଲ ବର୍ଗ ପାଇଁ ଦୁଇଟି ପଦବୀ ଧାର୍ଯ୍ୟ କରାଯାଇଥିଲା । ଅଂଶଗ୍ରହଣକାରୀମାନଙ୍କୁ ଇଂରାଜୀ, ପାଟୀଗଣିତ ଏବଂ ସାଧାରଣ ଜ୍ଞାନରେ ଲିଖିତ ପରୀକ୍ଷା ଦେବାକୁ ପଡ଼ିଥିଲା ଏବଂ ଲିଖିତ ପରୀକ୍ଷାରେ ଯୋଗ୍ୟତା ହାସଲ କରିବା ପରେ ପ୍ରାର୍ଥୀମାନଙ୍କୁ ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ କ୍ଷେତ୍ର ପରୀକ୍ଷଣ ମଧ୍ୟ ଦେବାକୁ ପଡ଼ିଥିଲା । 4.6.1992 ରେ, ପ୍ରାପ୍ତ ହୋଇଥିବା ମୋଟ ଆବେଦନ ମଧ୍ୟରୁ 24 ଜଣ ପ୍ରାର୍ଥୀ କ୍ଷେତ୍ର ପରୀକ୍ଷା ପାଇଁ ଆସିଥିଲେ ଏବଂ ଏହା ଅବଗତ କରାଯାଇଥିଲା ଯେ ଆମ ସମ୍ମୁଖରେ ରହିଥିବା ଅପିଲକାରୀ ମଧ୍ୟ ଅଂଶଗ୍ରହଣ କରିଥିଲେ କିନ୍ତୁ ସେଥିରେ ବିଫଳ ହୋଇଥିଲେ । ତଥାପି, ତାଙ୍କୁ ଚୟନ କରାଯାଇଥିଲା ଏବଂ ନିରୀକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା, ଯେତେବେଳେ କି ଲିଖିତ ପରୀକ୍ଷା ତଥା କ୍ଷେତ୍ର ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗ୍ୟତା ହାସଲ କରିଥିବା ଉତ୍ତରଦାତା ସଂଖ୍ୟା 3 ଙ୍କୁ ଚୟନ କରାଯାଇ ନଥିଲା । ସେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଚଣ୍ଡିଗଡ଼ ଖଣ୍ଡପୀଠ [ଏଠାରେ 'ନ୍ୟାୟାଧିକରଣ' ଭାବରେ ଜଣାଯିବ] ସମ୍ମୁଖରେ ଏକ ମୂଳ ଆବେଦନ ଦାୟର କରିଥିଲେ । 6.6.2000 ରେ ଦିଆଯାଇଥିବା ଏକ ଆଦେଶ ଦ୍ୱାରା ନ୍ୟାୟାଧିକରଣ ଅପିଲକାରୀଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ ଏବଂ କେଉଁ ପ୍ରାର୍ଥୀ ଅଧିକ ଯୋଗ୍ୟ ଥିଲେ ସେ ସମ୍ବନ୍ଧରେ ନଥି ଯାଞ୍ଚ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଅପିଲକାରୀ କ୍ଷେତ୍ର ପରୀକ୍ଷାରେ ବିଫଳ ହୋଇଥିବାରୁ ତାଙ୍କ ନାମ ବିଚାରକୁ ନିଆଯିବା ଆବଶ୍ୟକ ନାହିଁ ବୋଲି କହିଥିଲେ । ଏହାପରେ ଉତ୍ତରଦାତା ସଂଖ୍ୟା 3ଙ୍କୁ ଚୟନ କରାଯାଇ ନିରୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା । ନ୍ୟାୟାଧିକରଣଙ୍କ ସମ୍ମୁଖରେ ଅପିଲକାରୀଙ୍କ ଦ୍ୱାରା ଏକ ସମୀକ୍ଷା ଆବେଦନ ଦାୟର

କରାଯାଇଥିଲା । ସେହି ଆବେଦନରେ କୁହାଯାଇଥିଲା ଯେ ଅପିଲକାରୀଙ୍କ ଚୟନ ସମ୍ବନ୍ଧୀୟ ପ୍ରାସଙ୍ଗିକ ଦସ୍ତାବିଜକୁ ବିଭାଗ ଜାଣିଶୁଣି ଅଟକାଇ ରଖିଥିଲା ଏବଂ ଯେହେତୁ ବିଭାଗ ପ୍ରାସଙ୍ଗିକ ଦସ୍ତାବିଜ ଉପଲବ୍ଧ କରାଇବାରେ ସକ୍ଷମ ହୋଇନଥିଲା, ସେମାନଙ୍କ ବିରୋଧରେ ପ୍ରତିକୂଳ ଧାରଣା ନିଆଯାଇଥିଲା ଏବଂ ଉତ୍ତରଦାତା ସଂଖ୍ୟା 3, 1998 ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନଥିଲେ । ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉଠାଯାଇଥିବା ଯୁକ୍ତି ଥିଲା ଯେ ଶ୍ରୀ ମନଜିତ ସିଂହଙ୍କୁ କ୍ରୀଡା କୋଟା ବିରୁଦ୍ଧରେ ଚୟନ କରାଯାଇଥିଲା; ବିଭାଗ ଉତ୍ତରଦାତା ସଂଖ୍ୟା 3ଙ୍କ ଚୟନକୁ ଯଥାର୍ଥ କରିଆସୁଥିଲା ଏବଂ କ୍ଷେତ୍ର ପରୀକ୍ଷଣର ଫଳାଫଳକୁ ଏହି ଆଧାରରେ ସ୍ଥଗିତ ରଖିଆସୁଥିଲା ଯେ ଏହା ପ୍ରାସଙ୍ଗିକ ନଥିଲା । ନ୍ୟାୟାଧିକରଣଙ୍କ ଦ୍ୱାରା ଏହା କୁହାଯାଇଥିଲା ଯେ ଯେହେତୁ ସେମାନେ ନୂଆ ଆଧାର ନେଇ ଆସୁଥିଲେ, ତେଣୁ ସମୀକ୍ଷା ଗ୍ରହଣୀୟ ନଥିଲା । ଅନୁରୂପ ପ୍ରଭାବ ପାଇଁ ଅନ୍ୟ ଏକ ଆବେଦନ ଦାୟର କରାଯାଇଥିଲା, ଯାହାକୁ ମଧ୍ୟ ଖାରଜ କରାଯାଇଥିଲା । ଏହା ପରେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା, ଯାହା ଖାରଜ ହେବାରୁ ଏହି ଅପିଲ ବିଶେଷ ଅନୁମତି ଦ୍ୱାରା ଆମ ସମ୍ମୁଖରେ ଦାୟର କରାଯାଇଛି ।

ସାକ୍ଷାତକାରରେ ଅପିଲକାରୀ 62 ଅଙ୍କ ହାସଲ କରିଥିବାବେଳେ ଉତ୍ତରଦାତା ସଂଖ୍ୟା 3, 48 ଅଙ୍କ ହାସଲ କରିଥିଲେ; ଲିଖିତ ପରୀକ୍ଷାରେ ଅପିଲକାରୀ 79 ଅଙ୍କ, ଉତ୍ତରଦାତା ସଂଖ୍ୟା 3, 80 ଅଙ୍କ ଏବଂ କ୍ଷେତ୍ର ପରୀକ୍ଷାରେ ଅପିଲକାରୀ 203 ଅଙ୍କ ପାଇଥିବାବେଳେ ଉତ୍ତରଦାତା ସଂଖ୍ୟା 3, 212 ଅଙ୍କ ହାସଲ କରିଥିଲେ । ବର୍ତ୍ତମାନ ଆମ ସମ୍ମୁଖରେ ଯେଉଁ ମାମଲା ଉପସ୍ଥାପନ କରିବାକୁ ଚାହୁଁଛି ତାହା ହେଉଛି ଯେ ଅପିଲକାରୀ ଜଣେ ଗୋଲ କିପର, ଯେତେବେଳେ କି ଉତ୍ତରଦାତା ସଂଖ୍ୟା 3 ଜଣେ ଡିପ୍ ଡିଫେଣ୍ଡର ଥିଲେ । ଏହା କୁହାଯାଇଛି ଯେ କ୍ଷେତ୍ର ପରୀକ୍ଷାରେ ଉପସ୍ଥିତ ପ୍ରାର୍ଥୀଙ୍କ ଏକ ଯୋଗ୍ୟତା ତାଲିକା ପ୍ରସ୍ତୁତ କରାଯାଇଥିଲା; ନ୍ୟାୟାଧିକରଣ ସମ୍ମୁଖରେ ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଦସ୍ତାବିଜଗୁଡିକ କ୍ଷେତ୍ର ପରୀକ୍ଷା ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ଉପରୋକ୍ତ ଯୋଗ୍ୟତା ତାଲିକା ଉଲ୍ଲେଖ କରିଥିଲା; ଗୋଲ୍ ରକ୍ଷକ ବର୍ଗରେ ଆବେଦନକାରୀଙ୍କୁ 7 ନମ୍ବର ସ୍ଥାନ ଏବଂ ଅନ୍ୟ ପ୍ରାର୍ଥୀ ସୁଶୀଲ କୁମାରଙ୍କୁ 10 ନମ୍ବର ସ୍ଥାନ ଦିଆଯାଇଥିଲା; ପରେ, ପ୍ରଶିକ୍ଷକଙ୍କ ସହଯୋଗରେ ପଦାଧିକାରୀ ଦଳ ଦ୍ୱାରା କ୍ଷେତ୍ର ପରୀକ୍ଷାରେ ପ୍ରଦର୍ଶନ ଉପରେ ଏକ ବିବରଣୀ ଦାଖଲ କରାଯାଇଥିଲା ଏବଂ ନିରୀକ୍ଷକ ପଦବୀ ପାଇଁ ଦ୍ୱିତୀୟ ତାଲିକାରେ ଶୀର୍ଷ 6 ପ୍ରାର୍ଥୀଙ୍କ ନାମ ଉଲ୍ଲେଖ କରାଯାଇଥିଲା; ଫୁଟବଲ୍ ଖେଳ ପାଇଁ ବିଭାଗର ଆବଶ୍ୟକତା ଅନୁଯାୟୀ, ଦ୍ୱିତୀୟ ତାଲିକାରେ କୌଣସି ଗୋଲ ରକ୍ଷକଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇ ନଥିଲା; ତେବେ ଚୟନ କମିଟିର ଅନୁଧ୍ୟାନ ପାଇଁ ଉଭୟ ତାଲିକା ଦାଖଲ କରାଯାଇଥିଲା । ନିଯୁକ୍ତି କର୍ତ୍ତୃପକ୍ଷ ଅପିଲକାରୀ ଏବଂ ଶ୍ରୀ ମନଜିତ ସିଂହଙ୍କୁ ଚୟନ କରିଥିଲେ । ପୂର୍ବରୁ କୁହାଯାଇଥିବା ପରି ନ୍ୟାୟାଧିକରଣ ଆଦେଶ ପାରିତ କରିବା ପରେ, ଉତ୍ତରଦାତା ସଂଖ୍ୟା 3 ଅପିଲକାରୀଙ୍କୁ ସ୍ଥାନଚ୍ୟୁତ କରିଥିଲେ ।

ବିଭାଗ ଦ୍ୱାରା ଦାୟର ହୋଇଥିବା ସମୀକ୍ଷା ଆବେଦନରେ ଏହା ସ୍ୱତନ୍ତ୍ର ଭାବରେ ସୂଚିତ କରାଯାଇଥିଲା ଯେ 1992-93 ମସିହାରେ କ୍ରୀଡ଼ା କୋଟା ପାଇଁ ମନୋନୀତ ହୋଇଥିବା ଅପିଲକାରୀ ଏବଂ

ଅନ୍ୟ ପ୍ରାର୍ଥୀଙ୍କ ଚୟନର ନଥି ଏବେ ମିଳିପାରିବ । ବିଭାଗ ଦ୍ୱାରା କରାଯାଇଥିବା ଚୟନ ଅନୁଯାୟୀ, ଅପିଲକାରୀ 1.9.1992 ରୁ 7.6.2001 ପର୍ଯ୍ୟନ୍ତ ପ୍ରାୟ 8 ବର୍ଷ 7 ମାସ କାର୍ଯ୍ୟ କରିଥିଲେ, କେବଳ 1.12.2000 ରୁ 12.1.2001 ପର୍ଯ୍ୟନ୍ତ ଏକ ବିରତି ବ୍ୟତୀତ । ବର୍ତ୍ତମାନ ସେ କ୍ରୀଡ଼ା କୋଟା ଅଧୀନରେ ଯେକୌଣସି ପଦବୀ ନିମନ୍ତେ ଚୟନ ପାଇଁ ଅତ୍ୟଧିକ ବୟସ୍କ । ନ୍ୟାୟାଧିକରଣ ଆଦେଶ ପାରିତ କରିବା ସମୟରେ ଉପଲବ୍ଧ ଦସ୍ତାବିଜ ଆଧାରରେ, ବିଭାଗ ଦ୍ୱାରା ଅପିଲକାରୀଙ୍କୁ ବିଚାରରୁ ବାଦ ଦିଆଯାଇଥିଲା ଏବଂ ସେମାନେ ନିଜେ ଅପିଲକାରୀ ଏବଂ ଉତ୍ତରଦାତା ସଂଖ୍ୟା 3 ମଧ୍ୟରେ ଅଙ୍କ ହାସଲ କରିବାରେ ପାର୍ଥକ୍ୟ ଦେଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେହେତୁ ଉଭୟ ଲିଖିତ ପରୀକ୍ଷାରେ ପ୍ରାୟ ସମାନ ଅଙ୍କ ପାଇଥିଲେ ଏବଂ ସାକ୍ଷାତକାରରେ ଏକ ବଡ଼ ବ୍ୟବଧାନ ଥିଲା । ଏ ପର୍ଯ୍ୟନ୍ତ; କ୍ଷେତ୍ର ପରୀକ୍ଷା ସମ୍ବନ୍ଧରେ, ଏହାର ଫଳାଫଳ ପ୍ରାର୍ଥୀଙ୍କ ଦକ୍ଷତା ବିଷୟରେ ଅଧିକ ସ୍ପଷ୍ଟ ନଥିଲା କାରଣ ଅପିଲକାରୀ ଏବଂ ଉତ୍ତରଦାତା ସଂଖ୍ୟା 3 ଦୁଇଟି ଭିନ୍ନ ବର୍ଗରେ ପଡ଼ିଥିଲେ, ଜଣେ ଗୋଲ୍ ରକ୍ଷକ ଭାବରେ ଏବଂ ଅନ୍ୟଜଣକ ଡିପ ଡିଫେଣ୍ଡର ଭାବରେ । ଏହି ଆଧାରରେ, ଅପିଲକାରୀଙ୍କ ନିଯୁକ୍ତି ଯଥାର୍ଥ ଅଟେ ।

ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ବ୍ୟତୀତ ଉତ୍ତରଦାତା ସଂଖ୍ୟା 3 ଅପିଲକାରୀଙ୍କୁ ସ୍ଥାନଚ୍ୟୁତ କରିପାରି ନଥାନ୍ତେ । ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ଏହାଙ୍କ ସମ୍ମୁଖରେ ଥିବା ନଥି ଆଧାରରେ, ସେ ଅପିଲକାରୀଙ୍କୁ ବାଦ୍ ଦେବା ପାଇଁ ବିଚାର କରିବାକୁ ହକଦାର ଥିଲେ । ଯଦି ନ୍ୟାୟାଧିକରଣଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଦସ୍ତାବିଜ ରଖାଯାଇଥାନ୍ତା, ତେବେ ଉପଯୁକ୍ତ ଉପସଂହାର ନିଆଯାଇ ପାରିଥାନ୍ତା । ଅପିଲକାରୀଙ୍କ ନିଯୁକ୍ତି ଏବଂ ଏହାକୁ ସଠିକ୍ ଭାବରେ ସମର୍ଥନ ନକରିବା ଏବଂ ଉତ୍ତରଦାତା ସଂଖ୍ୟା 3ଙ୍କ ନିଯୁକ୍ତି କାରଣରୁ ଉପୁଜିଥିବା ବିଶୃଙ୍ଖଳା ପାଇଁ ବିଭାଗ ସମ୍ପୂର୍ଣ୍ଣ ଭାବରେ ଦାୟୀ । ଯଦି ବର୍ତ୍ତମାନ ଉତ୍ତରଦାତା ସଂଖ୍ୟା 3 ଅପିଲକାରୀଙ୍କ ଦ୍ୱାରା ସ୍ଥାନଚ୍ୟୁତ ହୁଅନ୍ତି, ତେବେ ସେ ଉଚ୍ଛେଦ ହୋଇଯିବେ ।

ମାମଲାର ପରିସ୍ଥିତିରେ ଆମେ ଭାବୁଛୁ ଯେ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 3 ଙ୍କ ନିଯୁକ୍ତିରେ ବାଧା ଦେବା ଉଚିତ୍ ନୁହେଁ । ତେବେ, ବର୍ତ୍ତମାନ ଉପୁଜିଥିବା ମାମଲାର ବିଚିତ୍ର ଘଟଣାରେ, ବିଭାଗ ପକ୍ଷରୁ ଅପିଲକାରୀଙ୍କୁ ଏକ ପଦବୀ ଯୋଗାଇଦେବା ଯଥାର୍ଥ ହେବ ଏବଂ ଯଦି ଏପରି ପଦବୀ ଉପଲବ୍ଧ ନଥାଏ, ତେବେ ପ୍ରୟୋଜନାତିରିକ୍ତ ଆଧାରରେ ସୃଷ୍ଟି କରାଯାଇ ଯେତେବେଳେ ନିୟମିତ ଖାଲି ପଦବୀ ସୃଷ୍ଟି ହେବ ଏହାକୁ ଅନ୍ତର୍ଭୁକ୍ତ କରାଯିବ । ତେବେ, ଅପିଲକାରୀ କାର୍ଯ୍ୟ କରିନଥିବା ଅବଧି ପାଇଁ କୌଣସି ଆର୍ଥିକ ସୁବିଧା ପାଇବାକୁ ହକଦାର ହେବେ ନାହିଁ । 1992 ମସିହାରେ ତାଙ୍କୁ ଯେଉଁ ପଦବୀରେ ନିଯୁକ୍ତି ଦିଆଯାଇଥିଲା ସେହି ଆଧାରରେ ତାଙ୍କୁ ନିଯୁକ୍ତି ଦିଆଯାଉ ଏବଂ ତାଙ୍କୁ ଦରମା ବୃଦ୍ଧିର ଉପଯୁକ୍ତ ସୁବିଧା ପ୍ରଦାନ କରାଯାଉ ଏବଂ ତାଙ୍କୁ ଚାକିରିରୁ ଅପସାରଣ କରିବା ସମୟରେ ପ୍ରଦାନ କରାଯାଇଥିବା ଶେଷ ଦରମା ଆଧାରରେ ତାଙ୍କର ଦରମା ସ୍ଥିର କରାଯାଉ ।

ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଆଜିଠାରୁ ତିନି ମାସ ମଧ୍ୟରେ ଅପିଲକାରୀଙ୍କୁ ନିଯୁକ୍ତ କରାଯିବ । ସେହି ଅନୁଯାୟୀ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏସ୍.କେ.ଏସ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।